# ବର୍ଷା

କବି:ଅତିବଡି ଜଗନ୍ନାଥ ଦାସ

ଶ୍ରେଣୀ:ଷଷ୍ଠ

ଦ୍ୱିତୀୟ ଦିନ

ODM EDUCATIONAL GROUP
Changing your Tomorrow

CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

**SUB-CONCEPTS:ସକଳ ଋତୁମାନଙ୍କ ଭିତରେ ବର୍ଷାଋତୁ ସାର ଅଟେ ।**

**ପୂର୍ବ ପାଠ୍ୟର ଆଲୋଚନା-**

**୧.ଜଗନ୍ନାଥ ଦାସ କେଉଁ ଗ୍ରନ୍ଥ ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି ?**
**୨.ଓଡିଆ ଭାଷାରେ ପ୍ରଥମ ମାନକ ଭାଷାର ପ୍ରୟୋଗ କିଏ  କରିଥିଲେ ?**
**୩.ଜଗନ୍ନାଥ ଦାସ କେଉଁଠି ଜନ୍ମ ଗ୍ରହଣ କରିଥିଲେ ?**

# କବିତାଂଶ ବ୍ୟାଖ୍ୟା:

ଏମନ୍ତେ ଗ୍ରୀଷ୍ମ କାଳ ଗଲା
ବରଷା ଋତୁ ପ୍ରକାଶିଲା ॥
ସକଳ ଋତୁଙ୍କର ସାର
ଶସ୍ୟ-ସମ୍ପଦ ମଞ୍ଜପୁର ॥
ମେଘେ ମିଳିଲେ ଶୂନ୍ୟପଥେ
ବିଜୁଳି ଶବଦ ସଙ୍ଗତେ ॥
ମହୀ ମଣ୍ଡଳ ଦୁଃଖ ଚାହିଁ
ଜଳ ଛାଡିଲା ତୋଷ ହୋଇ ॥
ଘୋର ଶବଦେ ମେଘମାଳ
ଗର୍ଜିଣ ବରଷନ୍ତି ଜଳ ॥



- ଗ୍ରୀଷ୍ମକାଳ ପରେ ବର୍ଷାଋତୁ ଆସିଲା ।
- ଏହି ଋତୁ ସକଳ ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅଟେ । କାରଣ ଏହି ସମୟରେ ପୃଥିବୀ ଶସ୍ୟସମ୍ପଦରେ ପରିପୂର୍ଣ୍ଣ ଥାଏ ।
- ଆକାଶରେ ବିଜୁଳି ଓ ଘଡଘଡି ଶବ୍ଦ କରି ମେଘଗୁଡିକ ଏକତ୍ର ହୁଅନ୍ତି ।
- ପୃଥିବୀର ଦୁଃଖ ଦେଖି ସନ୍ତୋଷ ଚିତ୍ତରେ ଜଳଦାନ କରନ୍ତି ।
- ଭୀଷଣ ଶବ୍ଦମାନ କରି ମେଘମାନେ ଗର୍ଜନ୍ତି ଓ ଜଳ ବର୍ଷା କରନ୍ତି ।

# କଠିନ ଶବ୍ଦର ଅର୍ଥ:

- ଏମନ୍ତେ-ଏହିପରି
- କାଳ-ସମୟ
- ପ୍ରକାଶିଲା-ପ୍ରକାଶ ଲାଭ କଲା,ଦେଖାଦେଲା
- ସାର-ଶ୍ରେଷ୍ଠ
- ସମ୍ପଦ-ଧନ,ବିଭବ
- ମର୍ତ୍ତ୍ୟପୁର-ମର୍ତ୍ତ୍ୟପୁର
- ତୋଷ-ସନ୍ତୁଷ୍ଟ

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

ସାର-ଅସାର
ସମ୍ପଦ-ବିପଦ
ଶୂନ୍ୟ-ପୂର୍ଣ୍ଣ
ଦୁଃଖ-ସୁଖ

## ପ୍ରତିଶବ୍ଦ:

ସମ୍ପଦ-ବିଭବ,ସମ୍ପତ୍ତି
ବିଜୁଳି-ଚପଳା,ସୌଦାମିନୀ
ମେଘ-ବାରିଦ,ଜଳଦ
ଜଳ-ଜୀବନ,ନୀର
ମହୀ-ପୃଥିବୀ,ଧରା

# ଗୃହକର୍ମ:

## ତୁମ ପ୍ରିୟ ଋତୁ ବିଷୟରେ ୧୦ ଧାଡ଼ି ଲେଖ ।

**THANKING YOU**

**ODM EDUCATIONAL GROUP**